# ମୃତ ମଇଁଷି ମାଂସ ଖାଇ ୩ ଅସୁସ୍ଥ

ଦଶମନ୍ତପୁର, ୬।୬( ଅରବିନ୍ଦ ନାୟକ )

## ଆନ୍ଥ୍ରାକ୍ସ ଆଶଙ୍କା

- ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍
- ବର୍ଷାଦିନ ଆସୁଥିବାରୁ ମୃତ ପ୍ରାଣୀଙ୍କ ମାଂସ ନ ଖାଇବାକୁ ପରାମର୍ଶ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପିଣ୍ଡାପଦର ପଞ୍ଚାୟତ ଅଧୀନ କଡ଼କିପଦର ଗାଁରେ ମୃତ ମଇଁଷି ମାଂସ ଖାଇ ୩ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କଠାରେ ଆନ୍ଥ୍ରାକ୍ସ ବ୍ୟାପିଥିବା ଆଶଙ୍କା କରାଯାଉଛି। ଖବର ପାଇ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚିଛନ୍ତି। ପରୀକ୍ଷା ପାଇଁ ଅସୁସ୍ଥ ଥିବା ଗାଁର ମନଧର ମୁଦୁଲି, ଘାସି ମୁଦୁଲି ଓ ଧବା ମୁଦୁଲିଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।


ଜଣେ ଆକ୍ରାନ୍ତଙ୍କ ରକ୍ତ ନମୂନା ସଂଗ୍ରହ କରାଯାଉଛି।

ସୂଚନାନୁଯାୟୀ, ମନଧର, ଘାସି ଓ ଧବାଙ୍କ ହାତରେ ଘା ହୋଇ ଅସହ୍ୟ ଯନ୍ତ୍ରଣା ହେବାରୁ ସେମାନେ ଗୁରୁବାର ପୂର୍ବାହ୍ନରେ ଗାଁର ଆଶାକର୍ମୀଙ୍କ ପାଖକୁ


ଡାକ୍ତରୀ ଟିମ୍ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି।

ଯାଇ ଔଷଧ ମାଗିଥିଲେ। ଆଶାକର୍ମୀ ସେମାନଙ୍କୁ ଘା' କିପରି ହେଲା ପଚାରିଥିଲେ। ସପ୍ତାହେ ତଳେ ଗାଁର ଡମ ଦିଶାରି ଓ ଦିନୁ ପରଜାଙ୍କ ୨ଟି ମଇଁଷିଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ମଇଁଷି ୨ଟିକୁ ମାଟି ତଳେ ପୋତିବା ବଦଳରେ ତାଙ୍କର ମାଂସ କାଟି ଖାଇଥିଲେ ବୋଲି ମନଧର, ଘାସି ଓ ଧବା କହିଥିଲେ। ଏହାର କିଛିଦିନ ପରେ ହାତରେ ଫୋଟକା ହେବା ସହ ଯନ୍ତ୍ରଣା ବଢ଼ିଥିବା ସେମାନେ କହିଥିଲେ। ଆଶାକର୍ମୀ ଘଟଣା ସମ୍ପର୍କରେ ଗ୍ରାମୀଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇଥିଲେ। ଏହି ଖବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୀପକ କୁମାର ସାମଲ ଜାଣିବା ପରେ ତାଙ୍କ ନେତୃତ୍ୱରେ ବିପିଏମ୍‌ଓ ଶ୍ରୀକାନ୍ତ ଦାସ, ଡା. ବ୍ରଜ ବିହାରୀ ଶର୍ମାଙ୍କ ସହ କୋରାପୁଟ ଆନ୍ଥ୍ରାକ୍ସ ବିଶେଷଜ୍ଞ ପ୍ରମୁଖଙ୍କୁ ନେଇ ଗଠିତ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମନଧର, ଡମ ଓ ଧବାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଇଥିବା ସ୍ୱାସ୍ଥ୍ୟାଧିକାରୀ ପ୍ରକାଶ କରିଛନ୍ତି। ଆଗକୁ ବର୍ଷାଋତୁ ଆସୁଛି। କୌଣସି ମୃତ ପ୍ରାଣୀଙ୍କ ମାଂସ ନ ଖାଇବାକୁ ପରାମର୍ଶ ଦିଆଯାଇଛି। ମୃତ ପ୍ରାଣୀଙ୍କ ମାଂସ ଖାଇଲେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁ ମଧ୍ୟ ହୋଇଯାଇପାରେ ବୋଲି ଡାକ୍ତରୀ ଟିମ୍ ଗ୍ରାମବାସୀଙ୍କୁ ବୁଝାଇଛନ୍ତି।

# ଶିକ୍ଷା ବିଭାଗ କର୍ମଚାରୀଙ୍କୁ ପଦୋନ୍ନତି ନେଇ ଅନୁରୋଧ ପତ୍ର

ଜୟପୁର, ୬।୬(ପବନ ପାଣିଗ୍ରାହୀ)

ଦୀର୍ଘଦିନ ଧରି ଶିକ୍ଷା ବିଭାଗରେ ଖାଲି ପଡ଼ିଥିବା ଶିକ୍ଷକ, ସହାୟକ ଓ ବିଭାଗୀୟ ଅଧିକାରୀ ପଦବୀରେ ପଦୋନ୍ନତି ଦେବା ନିମନ୍ତେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉପ ସଭାପତି ଶଶିଭୂଷଣ ଦାଶ କୋରାପୁଟ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ପତ୍ର ଲେଖିଛନ୍ତି। ଦୀର୍ଘଦିନ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ପଦୋନ୍ନତି ହୋଇନାହିଁ। ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ତୃତୀୟ ଶ୍ରେଣୀ କନିଷ୍ଠ ସହାୟକ ହେବା ନିମନ୍ତେ ଯୋଗ୍ୟ ଅଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ପଦୋନ୍ନତି ଦୀର୍ଘଦିନ ଧରି ବନ୍ଦ ରହିଛି। ସେମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଛନ୍ତି। କନିଷ୍ଠ ସହାୟକରୁ ବରିଷ୍ଠ ସହାୟକ ଓ ବରିଷ୍ଠ ସହାୟକରୁ ବିଭାଗୀୟ ଅଧିକାରୀ ପଦବୀ ଖାଲି ପଡ଼ିଛି। ଅପରପକ୍ଷରେ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ତେଣୁ ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ପଦୋନ୍ନତି ଦେବାକୁ ଉକ୍ତ ପତ୍ରରେ ଅନୁରୋଧ କରାଯାଇଛି। ଯେଉଁମାନେ ବିଭିନ୍ନ ସମସ୍ୟାରୁ ପୂର୍ବରୁ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଆଉ ଥରେ ପଦୋନ୍ନତି ନିମନ୍ତେ ସୁଯୋଗ ଦେବା ଓ ଖାଲି ପଡ଼ିଥିବା ପଦବୀକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜ ନିଜର ବ୍ଲକ୍‌ରେ ପଦୋନ୍ନତି ଦେବାକୁ ପତ୍ରରେ ଉଲ୍ଲେଖ ରହିଛି।

# ଜନ୍ମଦିନରେ ଅଙ୍ଗଦାନ ପାଇଁ ଘୋଷଣା କଲେ ଟ୍ରିମ୍ୟାନ୍ ରବୀନ୍ଦ୍ର

କୋରାପୁଟ,୬।୬ (ଅମିତାଭ ବେହେରା)

କୋରାପୁଟ ଜିଲାର ଟ୍ରିମ୍ୟାନ ଭାବେ ପରିଚିତ ରବୀନ୍ଦ୍ର କୁମାର ରଣା ଗୁରବାର ତାଙ୍କର ଜନ୍ମଦିନରେ ନିଜ ଅଙ୍ଗଦାନ ନେଇ ଘୋଷଣା କରିଛନ୍ତି। କୋରାପୁଟ ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରବୀନ୍ଦ୍ର ଏହି ଘୋଷଣା କରିଛନ୍ତି । ଶୁକ୍ରବାର କୋରାପୁଟ ମେଡିକାଲ କଲେଜରେ ଏହି ଘୋଷଣାନାମା ନେଇ ସମସ୍ତ ଫର୍ମ ଓ କାଗଜପତ୍ର ପ୍ରସ୍ତୁତ କରିବେ ବୋଲି ସେ ସୂଚନା ଦେଇଛନ୍ତି। ରବୀନ୍ଦ୍ରଙ୍କ ଏପରି ମହତ ଘୋଷଣାକୁ ସାଧାରଣରେ ପ୍ରଶଂସା କରାଯାଇଛି ।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ରବୀନ୍ଦ୍ର ।

ସୂଚନା ଥାଉକି, ଗତ ୧୨ ବର୍ଷ ହେଲା ପରିବେଶ ସୁରକ୍ଷା ପାଇଁ ଜିଲା ତଥା ଜିଲା ବାହାର ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ସୁଧା ୧୩ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ଜନସାଧାରଣ ମଧ୍ୟରେ ଜିଲାର ଟ୍ରିମ୍ୟାନ ଭାବେ ପରିଚିତ ଲାଭ କରିଛନ୍ତି। ସେ କୋରାପୁଟ ଜିଲାର ସୁନାବେଡା, କୋରାପୁଟ ସହରର ବିଭିନ୍ନ ଅନୁଷ୍ଠାନ ଓ ମନ୍ଦିର, ଡୁମୁରିପୁଟ, ଗୁପ୍ତେଶ୍ୱର, ପୁରୀ, ଭୁବେନେଶ୍ୱର ଏବଂ ହାଇଦ୍ରାବାଦର ରାମୋଜି ଫିଲ୍ମସିଟି ଓ ଜଗନ୍ନାଥ ମନ୍ଦିର ଆଦି ସ୍ଥାନରେ ପରିବେଶ ସୁରକ୍ଷା ନେଇ ବାର୍ତ୍ତା ଦେବା ସହିତ ସେ ସବୁ ସ୍ଥାନରେ ବୃକ୍ଷରୋପଣ କରିଛନ୍ତି । ଏପରିକି ନିଜେ ଫିନାଇଲ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଓ ଶିକ୍ଷା ଅନୁଷ୍ଠାନରେ ବିକ୍ରି କରି ଯାହା ଅର୍ଥ ଉପାର୍ଜନ କରନ୍ତି ତାହାର ଅଧାରୁ ଊର୍ଦ୍ଧ୍ୱ ପରିବେଶ ସୁରକ୍ଷା ନେଇ କାର୍ଯ୍ୟ ସହ ଲୋକଙ୍କୁ ଗଛ ଲଗାଇବାକୁ ସଚେତନ କରୁଥିବା ରବୀନ୍ଦ୍ର କହିଛନ୍ତି। ଯଦି ସହଯୋଗର ହାତ ମିଳିବ, ଆସନ୍ତା ଦିନରେ ସେ କୋରାପୁଟରୁ ବହୁ ମୂଲ୍ୟବାନ ଗଛ ନେଇ ଅଯୋଧ୍ୟାରେ ବୃକ୍ଷରୋପଣ କରିବେ ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୬।୬(ପବନ ପାଣିଗ୍ରାହୀ) ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଢେପଗୁଡ଼ାର ଅଗଲା ଚିହ୍ନା (୨୭)। ପୋଲିସ ସୂଚନାନୁଯାୟୀ ଢେପଗୁଡ଼ାର ଅଗଲା ଚିହ୍ନାଙ୍କ ନାମରେ ଜୟପୁର ଟାଉନ ଥାନାରେ ଅପରାଧିକ ମାମଲା ରହିଥିଲା। ୨୦୨୩ରେ ଜୟପୁର ଟାଉନ ଥାନାରେ ତାଙ୍କ ନାମରେ ଚୋରି ଅଭିଯୋଗ ହୋଇଥିଲା। ସେହିଦିନରୁ ଅଗଲା ଫେରାର ଥିଲେ। ପୋଲିସ ଗୁରୁବାର ଢେ଼ପଗୁଡ଼ାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

### ଗୋରୁ ବୋଝେଇ ଗାଡ଼ି ଜବତ

ଗୋପାଳପୁର, ୬।୬ (ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ପକ୍ଷରୁ ୧୬ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରାଯାଉଥିବା ବେଳେ ଗୁରୁବାର ସକାଳେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରାଯାଇଛି। ସେଥିରୁ ୧୦ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛଡ଼ା ଯାଇଛି। କନିଷି ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବ୍ରହ୍ମପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ ଅପ ଭ୍ୟାନ (ଏପି ୩୯ ପି ଜି ୬୧୦୦ )କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଗୋରୁ ଥିବା ଜାଣାପଡିଥିଲା। ଗାଡ଼ିର ବସିଥିବା ଡ୍ରାଇଭର ଓ ଅନ୍ୟଜଣେ ଗୋରୁ ଚାଲାଣ ନେଇ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ଜବତ ଗୋରୁମାନଙ୍କୁ ମଦନମୋହନପୁର ଠାରେ ଥିବା ନବଜୀବନ ସେବାଶ୍ରମ ଗୋଶାଳାରେ ଛଡ଼ା ଯାଇଛି। ଗାଡ଼ି ମାଲିକ ଓ ଗୋରୁ ଚାଲାଣକାରୀଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ, ୨ ଗୁରୁତର

ବାଲିଗୁଡା,୬।୬(ସଞ୍ଜୟକୁମାରପାଣିଗ୍ରାହୀ) ବାଲିଗୁଡ଼ା ଥାନା ବାଟାଗୁଡା ପଞ୍ଚାୟତର ଡାବୁଲକିଆ ଗ୍ରାମରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ଚଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ଡାବୁଲକିଆ ଗ୍ରାମର ତ୍ରିନାଥ ମଲିକ (୧୯)। ଆହାତ ଯୁବକଜଣକ ହେଲେ ବାପି ମଲିକ ଓ ସାମନ୍ତ ମଲିକ। ଡାବୁଲକିଆ ଗ୍ରାମରୁ ଏକ ବାଇକ୍‌ରେ ତିନି ଜଣ ଯୁବକ ବାଟାଗୁଡା ଗ୍ରାମକୁ ଘରୋଇ ସାମଗ୍ରୀ କିଣିବାକୁ ଆସିବା ବେଳେ ଗୋପାଳପୁର –ରାୟପୁର ୫୯ ନଂ. ଜାତୀୟ ରାଜପଥ ବାଟାଗୁଡ଼ା ପୂର୍ବରୁ ଏକ ବୁଲାଣୀରେ ଭାରସାମ୍ୟ ହରାଇ ଗୋଟିଏ ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି।

# ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସାବିତ୍ରୀ ବ୍ରତ କଲେ ମହିଳା

## ଜେଲରେ ବ୍ରତ କଲେ ୭ ଅନ୍ତେବାସୀ

କୋରାପୁଟ,୬।୬
(ଅମିତାଭ ବେହେରା)

ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏ ନେଇ କୋରାପୁଟ ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳର ମନ୍ଦିର ସବୁ ଚଳଚଞ୍ଚଳ ହୋଇପଡ଼ିଥିଲା। ମହିଳାମାନେ ସକାଳୁ ନିର୍ଜଳରେ ରହି କୋରାପୁଟ ଶାବର ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ମନ୍ଦିରରେ ରହି ପୂର୍ଜର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ସେହିପରି ସହରର ଘରେ ଘରେ ଶିଳ ଏବଂ ଶିଳପୁଆରେ ହଳଦି ମାରି ଲକ୍ଷ୍ମୀନାରାୟଣ ମୂର୍ତି ସ୍ଥାପନ କରି ବିଭିନ୍ନ କିସମର ଫଳ, ନୂତନ ଶାଢି, କଳା ମାଳି, ନାଲି ଚୁଡି ରଖି ମହିଳାମାନେ ପୂଜା କରିଥିଲେ। ସେହିପରି ଜିଲା ମଣ୍ଡଳ କାରାଗାରରେ ଲଲାଟେନ୍ଦୁ ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଜେଲରେ ଥିବା ୭ଜଣ ଅନ୍ତେବାସୀ ସାବିତ୍ରୀ ପୂଜା କରିଥିଲେ। ସେମାନେ ସ୍ୱାମୀଙ୍କ ପାଇଁ ଜେଲ ପରିସରରେ ଥିବା ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଜେଲ କର୍ତ୍ତୃପକ୍ଷ ସେମାନଙ୍କ ପାଇଁ ଶାଢ଼ି ଓ ପୂଜା ସାମାଗ୍ରୀ ପ୍ରଦାନ କରିଛନ୍ତି।


ଶାବର ଶ୍ରୀକ୍ଷେତ୍ରରେ ମହିଳାମାନେ ପୂଜା କରୁଛନ୍ତି।


ଜିଲା ମଣ୍ଡଳ କାରାଗାରରେ ମହିଳା ଅନ୍ତେବାସୀ ସାବିତ୍ରୀ ବ୍ରତ ପୂଜା କରୁଛନ୍ତି।

# ଯୁବକଙ୍କୁ ଅଟକ ରଖି ପୋଲିସର ପଚରାଉଚରା

## ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗ

ପାପଡ଼ାହାଣ୍ଡି, ୬।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। କେସ୍ ନମ୍ବର ୧୨୧/୨୪ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ହେଲେ ମିଞ୍ଜା ଗ୍ରାମର ସାମଲ ହରିଜନ।

ସୂଚନାନୁଯାୟୀ, ସାମଲଙ୍କର ଜଣେ ଯୁବତୀଙ୍କ ସହ ୮ମାସ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୨ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଏହା ଜଣାପଡ଼ିବା ପରେ ଗାଁରେ ବୈଠକ କରାଯାଇଥିଲା। ପୀଡ଼ିତା ଯୁବକଙ୍କ ଘରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାପରଠାରୁ ସେ ଯୁବକଙ୍କ ଘରେ ରହୁଥିଲେ। ପରେ ସାମଲ ହାଇଦ୍ରାବାଦ କାମ କରିବାକୁ ଚାଲିଯାଇଥିଲେ। ଯୁବତୀଙ୍କ ସହ କୌଣସି କଥାବାର୍ତ୍ତା ନ ଥିଲା। ପରିବାର ଲୋକେ ହଇରାଣ କରୁଥିବା ଅଭିଯୋଗକରି ପୀଡ଼ିତା ନିଜ ଘରକୁ ଚାଲି ଆସିଥିଲେ। ସାମଲ ହାଇଦ୍ରାବାଦରୁ ଫେରିବା ପରେ ପୀଡିତା ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଗୁରୁବାର ଏତଲା ଆଧାରରେ କେସ୍ ନମ୍ବର ୧୨୧/୨୪ରେ ଏକ ମାମଲା ରୁଜୁକରି ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# କାଳବୈଶାଖୀରେ ଉଡ଼ିଲା ଛପର


ଝାଲିଆଗୁଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଭତ୍ରାଙ୍କ କୁକୁଡା ଫାର୍ମ ଆଜ୍‌ବେଷ୍ଟସ୍ କାଳବୈଶାଖୀ ପବନରେ ଉଡ଼ିଯାଇଛି।

ଡାବୁଗାଁ, ୬।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ବୁଧବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡ଼ିଯାଇଥିବା ସୂଚନା ମିଳିଛି। ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତ ପୂଜାରିଗୁଡ଼ା ଗ୍ରାମର ବଳଦେବ ଭତ୍ରା ଓ ହିରନ ଭତ୍ରାଙ୍କ ଘରର ଆଜ୍‌ବେଷ୍ଟସ୍ କାଳବୈଶାଖୀ ପବନରେ ଉଡ଼ିଯାଇଛି। କୋଇଲାରୀ ପଞ୍ଚାୟତ ଅଧୀନ ଝାଲିଆଗୁଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଭତ୍ରାଙ୍କ କୁକୁଡା ଫାର୍ମ ଘରର ଆଜ୍‌ବେଷ୍ଟସ୍ ମଧ୍ୟ ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଫାର୍ମରେ ଥିବା ୫୦୦ ବ୍ରୟଲର ମଧ୍ୟରୁ ପ୍ରାୟ ୨୪୦ଟି କୁକୁଡା ମରିଯାଇଥିବା ଜଣାପଡ଼ିଛି।

# ଟଙ୍କା ପାଇବା ନେଇ ଚିନ୍ତାରେ ଠିକାଦାର

ନବରଙ୍ଗପୁର,୬।୬(ସଦାଶିବ ପ୍ରହରାଜ)

## ରାଜ୍ୟରେ ନୂତନ ଭାଜପା ସରକାର

- ବିଜେଡିର ବିଭିନ୍ନ ଯୋଜନା ବନ୍ଦ ନେଇ ଆଶଙ୍କାରେ ଲୋକେ
- ଦୁର୍ନୀତିଗ୍ରସ୍ତଙ୍କ ମଧ୍ୟରେ ଭାଳେଣି ପଡ଼ୁଥିବା ଚର୍ଚ୍ଚା

ରାଜ୍ୟରେ ଭାଜପା ସରକାର ଗଠନ କରିବ। ବିଜେଡି ସରକାର ସମୟରେ ହୋଇଥିବା ଅନେକ ଜନହିତକର ଯୋଜନା ଲୋକଙ୍କ ପାଇଁ ରହିବ ନା ଭାଜପା ସରକାର ଆସିଲେ କଟିଯିବ ତାହାକୁ ନେଇ ଲୋକେ ଆଶଙ୍କାରେ। ଭାଜପା ସରକାର ଆସିଲେ ଦୁର୍ନୀତିଗ୍ରସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦଳର ବରିଷ୍ଠ ନେତାମାନେ ନିର୍ବାଚନୀ ଭାଷଣରେ କହିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ଗଠନ କରିବା ନେଇ ସ୍ପଷ୍ଟ ହେବାପରେ ଦୁର୍ନୀତିଗ୍ରସ୍ତଙ୍କ ମଧ୍ୟରେ ଭାଳେଣି ପଡ଼ିଥିବା ଚର୍ଚ୍ଚା ହେଉଛି। ଜିଲାରେ ଲକ୍ଷ୍ମୀ ବସରେ ମହିଳାମାନେ କମ ଟଙ୍କାରେ ଆରାମଦାୟକ ଯାତ୍ରା କରୁଥିଲେ। ଗାଁରୁ ବ୍ଲକ ଓ ବ୍ଲକରୁ ସହରକୁ ସୁବିଧାରେ ଯାତ୍ରୀ ଯିବାଆସିବା କରୁଥିଲେ। ଏବେ ଲକ୍ଷ୍ମୀ ବସ୍ ଚାଲିବ କି ନାହିଁ ସେହି ଆଶଙ୍କାରେ ଲୋକେ ରହିଛନ୍ତି। ଅନ୍ୟପକ୍ଷରେ ୫–ଟି ବିଦ୍ୟାଳୟଗୁଡ଼ିକରେ ଠିକା କାମ କରିଥିବା ଠିକାଦାର ବକେୟା ଟଙ୍କା ପାଇବେ କି ନାହିଁ ତାହାକୁ ନେଇ ସେମାନେ ସନ୍ଦେହରେ। ଦୁର୍ନୀତି କଥା କହିଲେ ଜିଲା ଭିତରେ ଅନେକ ସରକାରୀ କର୍ମଚାରୀ ଓ ଅଧିକାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ରହିଛନ୍ତି। ସେମାନଙ୍କୁ ସୁରକ୍ଷା ଦେଇ ବିଭିନ୍ନ ଗୁରୁଦାୟିତ୍ୱ ମଧ୍ୟ ଦିଆଯାଇଛି। ଗତ ଦିନରେ ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣା ପରେ ଦୁର୍ନୀତି ସହିତ ଯୋଡି ହୋଇ ରହିଥିବା ଅଧିକାରୀଙ୍କ ଉପରେ ଆଉ ତଦନ୍ତ ହେଲା ନାହିଁ। ବରଂ ଅନ୍ୟତ୍ର ବଦଳି କରାଗଲା। ତଦନ୍ତ ହେଲେ ବଡ଼ବଡ଼ିଆଙ୍କ ବାଡ଼ ଭାଙ୍ଗିଯିବ, ତାହାର ଭୟ ରହିଲା ବୋଲି ଆଲୋଚନା ହେଉଛି। ତାଙ୍କୁ ଜିଲାର ୨ ଜଣ ନିର୍ଦ୍ଦିଷ୍ଟ ନିର୍ବାଚିତ ନେତା ସୁରକ୍ଷା ଦେଉଥିଲେ ବୋଲି ଚର୍ଚ୍ଚା ହେଉଛି। ଗତ ଦିନରେ ଭାଜପାର ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏକମାତ୍ର ବିରୋଧୀ ଦଳ ବିଧାୟକ ଭାବେ ଜିଲାରେ ରହିଥିଲେ। ତାଙ୍କ ଅଭିଯୋଗ ଓ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉନଥିଲା। ଏବେ ବିଜେଡିର ବିଧାୟକ ଜଣେ। ଡାବୁଗାଁ ବିଜେଡି ବିଧାୟକ ମନୋହର ରନ୍ଧାରୀ ୫ ବର୍ଷରେ ତାଙ୍କ ନିର୍ବାଚନମଣ୍ଡଳୀର ୧୨ଶହ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ନିର୍ବାଚନୀ ପ୍ରଚାରରେ କହୁଥିଲେ। ଏନେଇ ଗୋଟିଏ ବିଭାଗ କ'ଣ ବିକାଶ ହୋଇଛି ନା ବାଟମାରଣା ହୋଇଛି ତାହାର ତଦନ୍ତ ଆରମ୍ଭ କରିଛି। ତଦନ୍ତ କେଉଁ ବାଟକୁ ଗତି କରିବ ତାହା ଶେଷରେ ଜଣାପଡ଼ିବ। ତେବେ ତଦନ୍ତ ଆରମ୍ଭରୁ ହିଁ ଜଣେ ପୂର୍ବତନ କନିଷ୍ଠ ଯନ୍ତ୍ରୀ ଓ ଜିଲାରେ ଦୀର୍ଘ ବର୍ଷ ରହି କାମ କରିଥିବା ସହକାରୀ ଯନ୍ତ୍ରୀଙ୍କ ଛନକା ପଶିଲାଣି ବୋଲି ଆଲୋଚନା ହେଉଛି। ଜିଲାରେ କେତେକ ବ୍ଲକସ୍ତରୀୟ ଅଧିକାରୀ ଭିତିରିଆ କେତେକ ପ୍ରାର୍ଥୀଙ୍କୁ ସବୁ ପ୍ରକାର ସହଯୋଗ କରୁଥିଲେ। ନେତା ସୁରକ୍ଷା ଦେବାକୁ ଅଛନ୍ତି ଭାବି ଅଧିକାରୀ ଜନସାଧାରଣଙ୍କ ମୌଳିକ ଅଧିକାର, ସୁରକ୍ଷା ପ୍ରତି ଆଖି ବୁଜି ଦେଇଥିଲେ। ଭାଜପା, କଂଗ୍ରେସ ଓ ବିଭିନ୍ନ ସଙ୍ଗଠନ କୌଣସି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କଲେ ନିଜ ପାଖ ମାଡିବାକୁ ଦେଉନଥିଲେ। ସେହିଭଳି ଅଧିକାରୀ ଏବେଠାରୁ ପ୍ରମାଦ ଗଣୁଥିବେ ବୋଲି ଆଲୋଚନା ହେଉଛି।

# ପରାଜୟର ସମୀକ୍ଷା କରୁଛନ୍ତି ବିଜେଡି, ଭାଜପା

ରାୟଗଡ଼ା,୬।୬(ଆଶିଷ ରଞ୍ଜନ ପଣ୍ଡା)

କୋରାପୁଟ ଲୋକ ସଭା ଆସନ ସମେତ ରାୟଗଡ଼ା ଜିଲାର ୩ଟି ଯାକ ଆସନକୁ କଂଗ୍ରେସ ଦଖଲ କରିଛି। ଫଳରେ କଂଗ୍ରେସ ମହଲରେ ଉତ୍ସାହର ସହ ବିଜୟ ଉତ୍ସବ ପାଳନ ଚାଲିଛି। ସେପଟେ ବିଜୟ ଆଶା ବାନ୍ଧିଥିବା ବିଜେଡି ଓ ଭାଜପା ପ୍ରାର୍ଥୀ ହାରିବା ପରେ ଏହାର କାରଣ ଖୋଜୁଛନ୍ତି। ଜିଲାରେ ବିଜେଡିରେ ଗୋଷ୍ଠୀ କନ୍ଦଳ ଏବଂ ଭାଜପାର ସଙ୍ଗଠନ ଦୁର୍ବଳ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଗତ ନିର୍ବାଚନରେ କଂଗ୍ରେସ କୋରାପୁଟ ଲୋକ ସଭା ଆସନ ଦଖଲ କରିଥିଲେ ମଧ୍ୟ ଜିଲାର ୩ ବିଧାନସଭା ଆସନ ମଧ୍ୟରୁ ବିଷମକଟକ ଓ ଗୁଣପୁର ବିଜେଡି ଅଧୀନକୁ ଯାଇଥିବା ବେଳେ ରାୟଗଡ଼ା ଆସନ ସ୍ୱାଧୀନ ହାତକୁ ଚାଲିଯାଇଥିଲା। ତେବେ ୨୦୦୯ ଓ ୨୦୧୪ ନିର୍ବାଚନରେ ରାୟଗଡ଼ା ଆସନକୁ ବିଜେଡି ଦଖଲ କରିଥିଲା। ହେଲେ ୨୦୧୯ରେ ଏଠାରେ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ବିଜେଡିକୁ ଧରାଶାୟୀ କରି ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ କଂଗ୍ରେସର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ଅନନ୍ତରାମ ମାଝିଙ୍କ ଝିଅ ଅନସୂୟା ମାଝିଙ୍କୁ ଦଳ ଟିକେଟ ଦେଇଥିଲେ ମଧ୍ୟ ସେ କଂଗ୍ରେସଠାରୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ଗତ ନିର୍ବାଚନରେ ବିଜେଡି ୪୮୭୦ ଖଣ୍ଡ ଭୋଟରେ ପରାଜିତ ହୋଇଥିବା ବେଳେ ଏଥର କଂଗ୍ରେସ ପ୍ରାର୍ଥୀ ଆପାଲସ୍ୱାମୀ କାଡ୍ରାକା ୮୭୪୮୨ ଭୋଟ ପାଇ ବିଜେଡି ପ୍ରାର୍ଥୀ ଅନସୂୟାଙ୍କୁ ୨୯୧୮୬ ଭୋଟରେ ପରାଜିତ କରିଛନ୍ତି। ତେବେ ଅନସୂୟାଙ୍କ ଏହି ପରାଜୟର କାରଣ ତାଙ୍କ ନିଜସ୍ୱ ସଂଗଠନ ସୁଦୃଢ଼ ନ ଥିବା କର୍ମୀ ମହଲରେ ଆଲୋଚନା ଚାଲିଛି।

ଅନ୍ୟପଟେ ବିଷମକଟକ ନିର୍ବାଚନମଣ୍ଡଳୀରେ ୨ ଥର ବିଧାୟକ ଏବଂ ମନ୍ତ୍ରୀ ହୋଇଥିବା ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍କାଙ୍କଠାରୁ ୯୪୦୩ ଭୋଟରେ ହାରିଛନ୍ତି। ସେହିଭଳି ଗୁଣପୁର ଆସନରେ ୨୦୧୯ରେ ବିଜେଡି ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ଦଳ ରିପିଟ କରିଥିଲା। ହେଲେ

## କଂଗ୍ରେସ ମହଲରେ ଉତ୍ସାହ



କର୍ମୀଙ୍କ ସହ କଂଗ୍ରେସ ବିଧାୟକ ଆପଲସ୍ୱାମୀ କାଡ୍ରାକା ବିଜୟ ଉତ୍ସବ ପାଳନ କରୁଛନ୍ତି।

ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ଗୌଡ଼ଙ୍କ ସହଯୋଗରେ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ୭୭,୬୩୭ ଭୋଟ ପାଇ ବିଜେଡିର ରଘୁନାଥଙ୍କୁ ୨୯,୮୮୫ ଭୋଟରେ ପରାଜିତ କରିଛନ୍ତି। ବିଷମକଟକ ଓ ଗୁଣପୁର ଆସନରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସଙ୍କ ପତିଆରା ରହିଥିଲେ ମଧ୍ୟ ଚଳିତ ଥର ତାଙ୍କର ସମସ୍ତ ଅଙ୍କକୁ ଗଡ଼ବଡ଼ କରିଦେଇଛନ୍ତି ପୌର ଉପାଧ୍ୟକ୍ଷ ଶିବ ଗୌଡ଼। ଏକଦା କଂଗ୍ରେସ ଗଡ଼ ଭାବେ ପରିଚିତ ରାୟଗଡ଼ା ଜିଲା ପୁଣି ଥରେ କଂଗ୍ରେସ ହାତକୁ ଫେରିଯିବା ପରେ ଆଗାମୀ ଦିନରେ ବିଜେଡି ଓ ଭାଜପା ହାତରୁ ଯିବା କଷ୍ଟସାଧ୍ୟ ହେବ ବୋଲି ସାଧାରଣରେ ଆଲୋଚନା ଚାଲିଛି। ସେପଟେ ଭାଜପା ପୂର୍ବଭଳି ୩ଟି ଯାକ ଆସନରେ ତୃତୀୟ ସ୍ଥାନରେ ରହିଛି। ରାୟଗଡ଼ା ଆସନରେ ଭାଜପା ପ୍ରାର୍ଥୀ ବସନ୍ତ ଉଲାକା ରିପିଟ୍ ହୋଇଥିଲେ ମଧ୍ୟ ୨୪,୫୪୮ ଖଣ୍ଡ ଭୋଟ ପାଇଛନ୍ତି। ସେହିଭଳି ଗୁଣପୁରର ଏବଂ ବିଷମକଟକରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ଜଗନ୍ନାଥ ନୁଣ୍ଡ୍ରୁକା ୨୫,୪୮୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଗୁଣପୁରରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ନିର୍ବାଚନର କିଛିଦିନ ପୂର୍ବରୁ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ ମଧ୍ୟ ୨୧,୮୦୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ୨୦୧୯ ନିର୍ବାଚନରେ ସେ ସ୍ୱାଧୀନ ଭାବେ ଲଢ଼ି ଚଳିତ ଥର ଅପେକ୍ଷା ୪୫୧୩ ଖଣ୍ଡ ଅଧିକ ଭୋଟ ପାଇଥିଲେ। ତେବେ ଜିଲାରେ ଭାଜପା ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବା କାରଣରୁ ଦଳ ଏହି କ୍ରମାଗତ ପରାଜୟବରଣ କରୁଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

# ଦଳର ବିରୋଧ ସତ୍ତ୍ୱେ ବାଜି ମାରିନେଲେ ସତ୍ୟଜିତ୍

ଗୁଣପୁର,୬।୬(ପ୍ରଦୀପ କୁମାର ପାଢ଼ୀ)

ସମାପ୍ତ ହୋଇଛି ସାଧାରଣ ନିର୍ବାଚନ। କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ହୋଇଛନ୍ତି ଗୁଣପୁର ବିଧାୟକ। ରେକର୍ଡ ପରିମାଣରେ ଭୋଟ ପାଇ ବିଜୟ ଲାଭ କରି ସମସ୍ତଙ୍କ ଉପରେ ଭାରି ପଡ଼ିଛନ୍ତି ସତ୍ୟଜିତ୍। ଆଶାଠାରୁ ଅଧିକ ଭୋଟ ପାଇବା ନେଇ କେବେ ବିରୋଧୀ କିମ୍ବା ସେ ଚିନ୍ତା କରି ନ ଥିଲେ। ବିଜେଡି ଧରାଶାୟୀ ହୋଇଥିବାବେଳେ ତାଙ୍କର ବିଜୟ ବ୍ୟବଧାନ ବିରୋଧୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛି। ତେବେ ସତ୍ୟଜିତଙ୍କୁ ପ୍ରାର୍ଥୀ କରାଯିବା ପରେ ଏହାକୁ ବିରୋଧ କରି କଂଗ୍ରେସରେ ଆରମ୍ଭ ହୋଇଥିଲା କମ୍ପନ। ଜିଲା ସଭାପତି ବିଜୟ ଗମାଙ୍ଗ ଦଳ ଛାଡ଼ିଥିଲେ। ସେହିପରି ଜିଲାର ବରିଷ୍ଠ ନେତା ରଘୁ ପାତ୍ର ମଧ୍ୟ ଦଳରୁ ଇସ୍ତଫା ଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କେତକୀ ଗମାଙ୍ଗ ମଧ୍ୟ ଇସ୍ତଫା ଦେଇଥିଲେ। ଏପରିକି ଆଶାୟୀ ଥିବା ଅଭିନାଶ ଗମାଙ୍ଗଙ୍କ ସମେତ ଭାସ୍କର ଜାଗରଙ୍ଗା ଦଳରୁ ଇସ୍ତଫା ଦେଇଥିଲେ। ଭାସ୍କର ଜାଗରଙ୍ଗା ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟଙ୍କୁ ଇସ୍ତଫା ପରେ ଦଳ ସେମାନଙ୍କୁ ବହିଷ୍କାର କରିଛି। ତେବେ ଏସବୁକୁ ଖାତିର ନ କରି ସତ୍ୟଜିତ ପ୍ରଚାରରେ ଲାଗି ପଡ଼ିଥିଲେ। ପୂର୍ବତନ ଏମ୍‌ପି ହେମା ଗମାଙ୍ଗଙ୍କଠାରୁ ଆରମ୍ଭ କରି ଭାସ୍କର ଜାଗରଙ୍ଗା, ଅଭିନାଶ ଗମାଙ୍ଗ, ବିଜୟ ଗମାଙ୍ଗଙ୍କ ଭଳି ତୁଙ୍ଗ ନେତାମାନେ ବିଧାୟକ ପାଇଁ ଆଶାୟୀ ଥିଲେ। ହେଲେ ସତ୍ୟଜିତଙ୍କ ଉପରେ ଏମ୍‌ପି ସପ୍ତଗିରି ଉଲାକାଙ୍କ ଭରସା ରହିଥିଲା। ଫଳରେ ସତ୍ୟଜିତ ସମସ୍ତଙ୍କୁ ମାତ୍ ଦେଇ ଦଳୀୟ ଟିକେଟ ପାଇବାରେ ସକ୍ଷମ ହୋଇଥିଲେ। ନବାଗତ ସହ ଯୁବ ଚେହେରା ହୋଇଥିବାବେଳେ ପ୍ରବଳ ବିରୋଧ ସହ ଦଳରୁ ତୁଙ୍ଗ ନେତାଙ୍କ ଇସ୍ତଫା ପରେ ମଧ୍ୟ ସତ୍ୟଜିତ ଭାଙ୍ଗି ପଡି ନ ଥିଲେ। ସେମାନଙ୍କ ଇସ୍ତଫା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ଗୌଡ଼ ଓରଫ ସାନ ଗୌଡ଼ଙ୍କ ସମର୍ଥନରେ ସେ ନିର୍ବାଚନ ବୈତରଣୀ ପାର ହେବା ସହ ପୁଣି ଥରେ କଂଗ୍ରେସ ଗଡ଼ ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି।

# ଲକ୍ଷ୍ମୀ ବସ୍‌ରୁ ହଟିଲା ଲୋଗୋ





ଆରଏମ୍‌ସି ୟାର୍ଡ଼ରେ ଠିଆ ହୋଇଥିବା ୧୦ ନୂଆ ଲକ୍ଷ୍ମୀ ବସ୍।

ରାୟଗଡ଼ା,୬।୬(ଆଶିଷ ରଞ୍ଜନ ପଣ୍ଡା)

ଗ୍ରାମାଞ୍ଚଳକୁ ଗମନାଗମନ ସୁବିଧା ପାଇଁ ବିଜେଡି ସରକାର ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ୍ ସେବା। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ରାୟଗଡ଼ା ଜିଲାରେ ଚାଲିଥିବା ୪୧ ବସ୍‌ରୁ ବର୍ତ୍ତମାନ ବିଜେଡି ଲୋଗୋ ହଟିଯାଇଛି। ନୂଆ ସରକାର ଗଠନ ପରେ ଲକ୍ଷ୍ମୀ ବସ୍ ଯୋଜନା ବଳବତ୍ତର ରହିବ ନା ହଟିଯିବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାୟଗଡ଼ା ଜିଲାରେ ଗଡ଼ିବାକୁ ଥିବା

### ଛିଡ଼ା ହୋଇରହିଛି ୧୦ ବସ୍

ଆଉ ୧୦ଟି ବସ୍ ୩ ମାସ ହେବ ଖୋଲା ଆକାଶ ତଳେ ପଡ଼ିରହିଛି। ଗତ ମାର୍ଚ୍ଚରେ ଆସିଥିଲା ୧୦ଟି ନୂତନ ବସ। ହେଲେ ସେଗୁଡ଼ିକ ଅଦ୍ୟାବଧି ପଞ୍ଜୀକରଣ ହୋଇନାହିଁ। ଫଳରେ ଆରଏମ୍‌ସି ଅଫିସ ପରିସରରେ ଥିବା ମାର୍କେଟ ୟାର୍ଡ ବାହାରେ ପଡ଼ିରହିଛି। ଏହା ପଞ୍ଜୀକରଣ ହେବ ନା ନାହିଁ ତାହାର ସୂଚନା ମଧ୍ୟ ନାହିଁ। କେଉଁ ରୁଟ୍‌ରେ ଏହି ବସ୍ ସବୁ ଗଡିବ ତାହା ମଧ୍ୟ ନିର୍ଦ୍ଧାରଣ ହୋଇନାହିଁ।

ଏଣେ ମିଶନ ଶକ୍ତି ଲୋଗୋ କାହିଁକି ହଟାଗଲା ତାହା ଜଣାପଡ଼ିନାହିଁ। ଫଳରେ ଲକ୍ଷ୍ମୀ ବସ୍ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହେଉଥିବା ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ଲକ୍ଷ୍ମୀ ବସ୍ ମ୍ୟାନେଜର ସୌମ୍ୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ମିଶନ ଶକ୍ତି ଲୋଗୋ ହଟାଇବା ପାଇଁ ଅପରେଟରଙ୍କୁ ନିର୍ଦ୍ଦେଶ ମିଳିବା ପରେ ବାହାର କରାଗଲା। ତେବେ ଆଚରଣବିଧି ଲାଗିଥିବା କାରଣରୁ ପଞ୍ଜୀକରଣ ହୋଇନାହିଁ ବୋଲି ସୂଚନା ଦେଇଛନ୍ତି ସୌମ୍ୟ।

# ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୨୦ ହଜାର ଲୁଟ୍

ରାୟଗଡ଼ା,୬।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଅନ୍ତର୍ଗତ ତୁମ୍ପିଗୁଡା ଗ୍ରାମ ଛକ ନିକଟସ୍ଥ ଏକ କାର ଡେକର ଦୋକାନରୁ ଏକ ଦମ୍ପତି କିଛି ଜିନିଷ କିଣିବା ବେଳେ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ସମ୍ପୃକ୍ତ ଦମ୍ପତି ରାୟଗଡ଼ା ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି କେକେ କହଁର ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, କୋଲନରା ବ୍ଲକ ଥେରୁବାଲି ଗ୍ରାମର ରୁକୁଣା ହିମିରିକା ସ୍ୱାମୀ ରାମାରାଓ ହୁଇକାଙ୍କ ସହ ରାୟଗଡ଼ା ସହରର ଗୁଣ୍ଡିଚା ଛକ ନିକଟସ୍ଥ ଏସ୍‌ବିଆଇ ମେନ ବ୍ରାଞ୍ଚରୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ବ୍ୟାଙ୍କରୁ ୧ଲକ୍ଷ ୨୦ହଜାର ଟଙ୍କା ଉଠାଇବା ପରେ ରାମାରାଓ ନିଜ ବାଇକ୍ (ଓଡି୧୮-୬୯୨୨)ର ଡିକିରେ ଟଙ୍କା ରଖି ବଜାର ବୁଲି ଗାଁକୁ ଫେରିବା ସମୟରେ ତୁମ୍ପିଗୁଡା ଛକ ନିକଟରେ ଏକ କାର ଡେକର ଦୋକାନରେ ଅଟକିଥିଲେ। ସେମାନେ ନିଜ କାର ପାଇଁ ମ୍ୟାଟ କିଣିବା ସମୟରେ ଦୁର୍ବୃତ୍ତ ଆସି ଗାଡି ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଦମ୍ପତି ଥାନାକୁ ଯାଇ ଏତଲା ଦେଇଥିଲେ। ଉକ୍ତ ଦୁର୍ବୃତ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ଆସି ରାୟଗଡ଼ାରେ ଏଭଳି ଲୁଟ୍ କରୁଥିବା ଆଇଆଇସି କହିଛନ୍ତି। ଖୁବ୍‌ଶୀଘ୍ର ଏହି ଲୁଟେରା ଗ୍ୟାଙ୍ଗକୁ ଗିରଫ କରାଯିବ ବୋଲି ପୋଲିସ କହିଛି। ତେବେ ରାୟଗଡ଼ା ସହରରେ ବ୍ୟାପକ ସିସି କ୍ୟାମେରା ଖଞ୍ଜା ଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ନିର୍ଭୟରେ ଲୋକଙ୍କଠାରୁ ଲୁଟ୍‌ପାଟ କରୁଛନ୍ତି। ତେଣୁ ପୋଲିସ ଏଥିପ୍ରତି ଧ୍ୟାନ ଦେଇ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।



ମୁନିଗୁଡ଼ାରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

# ସାବିତ୍ରୀ ପାଇଁ ମନ୍ଦିରରେ ମହିଳାଙ୍କ ଭିଡ଼

ମୁନିଗୁଡା/ବିଷମ କଟକ/ଟିକିରି ୬।୬ (ନନ୍ଦ କିଶୋର ପଟ୍ଟନାୟକ/ ପ୍ରସନ୍ନ କୁମାର ପଣ୍ଡା /ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲାର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ ଅବସରରେ ଗୁରୁବାର ସକାଳୁ ମହିଳାଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସଧବା ମହିଳାମାନେ ନୂଆ ଶାଢ଼ୀ ପିନ୍ଧି ସଜବାଜ ହୋଇ ହାତରେ ଭୋଗ ଥାଳି, ଫୁଲ ଚାଙ୍ଗୁଡ଼ି ଧରି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ମୁନିଗୁଡାର ଗୌଡ଼ ସାହି, ପାଇକ ସାହି, ଗଣେଶ ନଗର, ଖମଣ ସାହି, ଗୋବର୍ଦ୍ଧନ, ମୁନିଖୋଲ, ଭୈରବଗଡ଼, କୁମୁଡ଼ାବାଲି ସହ ଆଖପାଖ ଅଞ୍ଚଳର ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ, ପୁରହିତ ଜଗବନ୍ଧୁ ପଣ୍ଡା, ଶ୍ୟାମ ସୁନ୍ଦର ଦାସ, ନିକୁଞ୍ଜ ଶତପଥୀ, କ୍ଷମା ସାଗର ଦାସ, ସଦାନନ୍ଦ ମହାପାତ୍ର, ସନ୍ତୋଷ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ମନ୍ଦିରରେ ଥିବା ସମସ୍ତ ପୂଜକମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ଶ୍ରୀ ରାମ ମନ୍ଦିରରେ ଏବଂ ଟିକିରିରେ ଥିବା ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ଉପଲକ୍ଷେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ଟିକିରିରେ ମହିଳାଙ୍କ ପୂଜାର୍ଚ୍ଚନା।

# ବଜ୍ରପାତରେ ୨ ଗାଈ ମୃତ

ଟିକିରି,୬।୬(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ହାଟରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ୨ ଗାଈଙ୍କ ମୃତ୍ୟୁ ଘଟିଛି। କାଳବୈଶାଖୀ ପ୍ରଭାବରେ ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର ଟିଣ ଛପର ଉଡ଼ିଯାଇଛି। ଗୁରୁବାର ସାପ୍ତାହିକ ହାଟ ଥିବାରୁ ବହୁତ ଲୋକ ଓ ବ୍ୟବସାୟୀଙ୍କ ଭିଡ଼ ଥିଲା। ତେବେ ବଜ୍ରପାତରୁ ବ୍ୟବସାୟୀ ଓ ହାଟ କରିବାକୁ ଆସିଥିବା ଲୋକେ ଅଳ୍ପକେ ବର୍ତ୍ତିଯାଇଥିବା କୁହାଯାଉଛି। ବର୍ଷା ପବନ ଯୋଗୁ ବ୍ୟବସାୟୀଙ୍କ ଅସ୍ଥାୟୀ ଦୋକାନର ପଲିଥିନ ଉଡି ଯାଇଥିବାରୁ ବିକ୍ରି ପାଇଁ ଆସିଥିବା ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।



# ଉଭୟ ଗାଁରୁ ୩୨ ଜଣଙ୍କୁ କୋର୍ଟ ଚାଲାଣ

କୋଡ଼ିଙ୍ଗା, ୬।୬(ସମରେନ୍ଦ୍ର ପଟ୍ଟନାୟକ)

### ମନ୍ଦିର ଯାତ୍ରାକୁ ନେଇ ୨ ଗାଁ ମଧ୍ୟରେ ମାରପିଟ

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଚଟାହାଣ୍ଡି ପଞ୍ଚାୟତ ଟିକରାଗୁଡ଼ା-ତାରାଗୁଡ଼ା ଗ୍ରାମରେ ମନ୍ଦିରରେ ଯାତ୍ରା ଆୟୋଜନକୁ ନେଇ ଦେଖାଦେଇଛି ତୁମୁଳକାଣ୍ଡ। ୨ ଗାଁର ଶତାଧିକ ଲୋକ ଠେଙ୍ଗାବାଡ଼ି, ପଥର ଫିଙ୍ଗାଫିଙ୍ଗି ହୋଇଥିଲେ। ଏଥିରେ ଅନେକ ଆହତ ହୋଇଥିବାବେଳେ ୩୨ଜଣ ନାମରେ କୋଡ଼ିଙ୍ଗା ଥାନାରେ ମାମଲା ରୁଜୁ ହୋଇଥିଲା। ସମସ୍ତଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ ତାରାଗୁଡ଼ା-ଟିକରାଗୁଡ଼ା ଜଙ୍ଗଲ ମଧ୍ୟରେ ରହିଥିବା ସାରଙ୍ଗିଆ ମନ୍ଦିରଠାରେ ବୁଧବାର ତାରଗୁଡା ଗ୍ରାମବାସୀ ଏକ ଯାତ୍ରା ଆୟୋଜନ କରିଥିଲେ। ଉକ୍ତ ଯାତ୍ରାଟି ପ୍ରାୟ ୧ମାସ ପୂର୍ବରୁ ଟିକରାଗୁଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ତାରାଗୁଡ଼ାବାସୀ କାହିଁକି ଦ୍ୱିତୀୟଥର ଯାତ୍ରା ଆୟୋଜନ କରୁଛନ୍ତି ଏହା ଅଭିଯୋଗ କରିବା ସହ ଟିକରାଗୁଡ଼ା ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ବିବାଦ ବଢିବା ପରେ ଦୁଇଗାଁ ମଧ୍ୟରେ ଠେଙ୍ଗାବାଡ଼ି, ଢେଲାପଥର ମାଡ଼ ହୋଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏନେଇ କୋଡ଼ିଙ୍ଗା ଥାନାରେ ୧୧୫/୨୪ରେ ମାମଲା ରୁଜୁ କରାଯାଇ ଟିକରାଗୁଡା ଗ୍ରାମର ବଂଶୀଧର ଭତ୍ରା, ଚନ୍ଦ୍ରସେନ ଭତ୍ରା, ଧନସିଂ ଭତ୍ରା, ଗଞ୍ଜା ଭତ୍ରା, ଗୋକୁଳ ଜାନୀ, ହରିଶ୍ଚନ୍ଦ୍ର ଗୌଡ଼, ଜଗତରାମ ଜାନୀ, ଜିତେଶ୍ୱର ଜାନି, କଳା ସୁନ୍ଦର ଗୌଡ଼, କମଲୁ ଗୌଡ଼, କୃଷ୍ଣ ଗୌଡ଼, ମଦନ ରେଲି, ମନ ଗୌଡ଼, ନବସେନ ଜାନିଙ୍କୁ ଗିରଫ କରାଯାଇଥିଲା। ସେହିଭଳି ତାରାଗୁଡା ଗ୍ରାମର ଚନ୍ଦ୍ର ଗୌଡ଼, ଚନ୍ଦରୁ ଗୌଡ଼, ପରାନ ଗୌଡ଼, କୈଳାଶ ଗୌଡ଼, ବୈଶାଖୁ ଗୌଡ଼, ପରମାନନ୍ଦ ଗୌଡ଼, ନର ଗୌଡ଼, ସୁବା ରେଲି, ନରେନ୍ଦ୍ର ଗୌଡ଼, ଅଗାଦୁ ଗୌଡ଼, ଈଶ୍ୱର ଗୌଡ଼, ବୁଦ୍ଧୁରାମ ଗୌଡ଼, ଘାସିରାମ ଗୌଡ଼, ଡମ୍ବୁ ଗୌଡ଼, ମୁଚନ ଗୌଡ଼ ଓ ତୁଲାରାମ ଗୌଡ଼ଙ୍କୁ ଗିରଫ କରାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

# ମିଳୁନି ଜନ୍ମ ପ୍ରମାଣପତ୍ର, ପାଠପଢ଼ାରେ ଲାଗିଛି ଡୋରି

ରାୟଗଡ଼ା, ୬।୬(ଭାଗ୍ୟଶ୍ରୀ ମିଶ୍ର)

ମୁଁ ପାଠ ପଢ଼ିବି, ଅନ୍ୟ ପିଲାଙ୍କ ଭଳି ସ୍କୁଲକୁ ଯିବାକୁ ଚାହୁଁଛି। ଅଙ୍ଗନୱାଡି କେନ୍ଦ୍ର ପରଠୁ ବିଦ୍ୟାଳୟକୁ ଯାଇନାହିଁ। ମୋ ସାଙ୍ଗମାନଙ୍କ ସହ ମୁଁ ବିଦ୍ୟାଳୟକୁ ଯିବି ବୋଲି ଆକୁଳ ନିବେଦନ କରୁଛନ୍ତି ଜଣେ ୧୧ ବର୍ଷର ଛାତ୍ର ପ୍ରଦୀପ ପାତିଆ। ରାୟଗଡ଼ା ସଦର ବ୍ଲକ ନୂଆ ଅମ୍ଳାଭଟାରେ ରହୁଛନ୍ତି ରଜନୀ ପାତିକାଙ୍କ ପରିବାର। ରଜନୀଙ୍କ ନିଜସ୍ୱ ଜମି କିମ୍ବା ଘର ନ ଥିବାରୁ ପ୍ରମାଣପତ୍ର ବନାଇବାରେ ଅନେକ ସମସ୍ୟା ହେଉଥିବା ସେ କହିଛନ୍ତି। ତାଙ୍କ ୨ ପୁଅଙ୍କ ଜନ୍ମ ସାର୍ଟିଫିକେଟ ଏବଂ ରେସିଡେନ୍ସିଆଲ ସାର୍ଟିଫିକେଟ ନ ଥିବାରୁ ସେମାନେ ଡ୍ରପ୍ ଆଉଟ୍‌ର ଶିକାର ହୋଇଥିବା ରଜନୀ କହିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ଡ୍ରପ୍ ଆଉଟ୍ ପିଲାଙ୍କୁ ଚିହ୍ନଟକରି ବିଦ୍ୟାଳୟମୁହାଁ କରାଇବାକୁ ଅନେକ ଯୋଜନା କରିଛନ୍ତି। ହେଲେ ବି ଜିଲାରେ କମୁନି ଡ୍ରପ୍ ଆଉଟ୍ ପିଲାଙ୍କ ସଂଖ୍ୟା। ପ୍ରଦୀପ ପାତିଆଙ୍କୁ ୧୧ ବର୍ଷ ହେଲାଣି ତଥାପି ସେ ବିଦ୍ୟାଳୟ ପିଣ୍ଡା ମାଡ଼ି ପାରିନାହାନ୍ତି। ଜନ୍ମ ସାର୍ଟିଫିକେଟ, ରେସିଡେନ୍ସ ସାର୍ଟିଫିକେଟ ଏବଂ ଜାତିଗତ ସାର୍ଟିଫିକେଟ ହେଲେ ହିଁ ସରକାରୀ ବିଦ୍ୟାଳୟରେ ଆଡମିସନ ହୋଇପାରିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇ ପ୍ରଦୀପଙ୍କୁ ଫେରାଇ ଦେଇଥିବା ମା' ରଜନୀ ପାତିକା ଅଭିଯୋଗ କରିଛନ୍ତି।



୨ ପୁଅଙ୍କ ସହ ମା' ରଜନୀ।

ରଜନୀଙ୍କ ବଡ଼ ପୁଅ ରାହୁଲ ପାତିକା (୧୫) ସାନ ପୁଅ ପ୍ରଦୀପ ପାତିକା, ଝିଅ ଗୌରୀ ପାତିକା (୬)ଙ୍କୁ ନେଇ ତାଙ୍କ ପରିବାର। ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ରଜନୀଙ୍କ ସ୍ୱାମୀ ସେମାନଙ୍କୁ ଛାଡ଼ି କେଉଁଆଡ଼େ ପଳାଇଛନ୍ତି। ରଜନୀ ଏକାକୀ ମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ରଜନୀ ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇବାକୁ ଇଚ୍ଛୁକ ଅଛନ୍ତି। ସରକାରୀ ନିୟମ ଅନୁଯାୟୀ କୌଣସି ପିଲାଙ୍କୁ ସାର୍ଟିଫିକେଟ ପାଇଁ ପାଠ ପଢ଼ିବାରୁ ବଞ୍ଚିତ କରାଯାଇପାରିବ ନାହିଁ। ହେଲେ ପ୍ରଦୀପଙ୍କ ଜନ୍ମଗତ ପ୍ରମାଣପତ୍ର ନ ଥିବାରୁ ତାଙ୍କୁ ପାଠପଢ଼ାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ରଜନୀଙ୍କ ନିଜସ୍ୱ ଜମି କିମ୍ବା ଘର ନ ଥିବାରୁ ପ୍ରମାଣପତ୍ର ବନାଇବାରେ ଅନେକ ସମସ୍ୟା ହେଉଥିବା ସେ କହିଛନ୍ତି। ରାୟଗଡ଼ା ରେଳ ବିଭାଗ ଜମିରେ ସେ ଦୀର୍ଘଦିନ ହେବ ରହି ଆସୁଥିଲେ। ସେଠାରୁ ଉଚ୍ଛେଦ ପରେ ଏବେ ଅମ୍ଳାଭଟାରେ ଏକ ଖାଲି ଜାଗାରେ ଜରି ପାଲ ବାନ୍ଧି ରହି ଆସୁଛନ୍ତି। ସେହିପରି ରଜନୀଙ୍କ ବଡ଼ ପୁଅ ରାୟଗଡା ଶାସ୍ତ୍ରୀନଗର ବିଦ୍ୟାଳୟରୁ ୮ମ ପାସ୍ କରିଥିଲେ ମଧ୍ୟ ପ୍ରମାଣପତ୍ର ନ ଥିବାରୁ ଉଚ୍ଚ ଶିକ୍ଷା କରି ନ ପାରି କୁଲି ମଜୁରି କରୁଥିବା ମା' ରଜନୀ କହିଛନ୍ତି। ସରକାରୀ ସହାୟତା ମିଳିଲେ ପାଠ ପଢ଼ିବାକୁ ଇଚ୍ଛୁକ ଥିବା ୨ ପିଲା କହିଛନ୍ତି। ତେବେ କେବଳ ଏହି ୨ ଭାଇ ନୁହନ୍ତି, ଗ୍ରାମାଞ୍ଚଳରେ ଏପରି ଅନେକ ଅନୁସୂଚିତ ଜାତି ଓ ଜନଜାତିର ପିଲା ରହିଛନ୍ତି, ଯେଉଁମାନଙ୍କ ପାଖରେ ନିଜର ଜମି ନ ଥିବା କାରଣରୁ ବିଭିନ୍ନ ପ୍ରମାଣପତ୍ର ନ କରି ପାରି ବିଦ୍ୟାଳୟରେ ଆଡମିସନ ହୋଇପାରୁନାହିଁ। ଯଦି ବି ବିଦ୍ୟାଳୟରେ ଆଡମିସନ ହେଉଛନ୍ତି, ତେବେ ସେମାନଙ୍କୁ ଛାତ୍ରବୃତ୍ତି, ହଷ୍ଟେଲ ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ରାୟଗଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ କହିଛନ୍ତି, ସରକାରୀ ସ୍କୁଲରେ ଆଡମିଶନ ବେଳେ ଟ୍ରାନ୍ସଫର ସାର୍ଟିଫିକେଟ(ଟିସି) ମଗାଯାଉଛି। ଅନ୍ୟ ସାର୍ଟିଫିକେଟ ବାଧ୍ୟତାମୂଳକ ନୁହେଁ। ଯେଉଁ ପିଲା ପଢ଼ିବାକୁ ଚାହୁଁଛନ୍ତି ବିଭାଗ ନିଶ୍ଚୟ ସହଯୋଗ କରିବ ବୋଲି ସେ କହିଛନ୍ତି।

